# ୩୦

# ସଂଯୁକ୍ତ ରାଷ୍ଟ୍ରସଂଘ

## (THE UNITED NATIONS)

ସଂଯୁକ୍ତ ରାଷ୍ଟ୍ରସଂଘ ଏକ ସମସାମୟିକ ଗୁରୁତ୍ୱପୂର୍ଣ୍ଣ ଶାନ୍ତିକାମୀ ଆନ୍ତର୍ଜାତୀୟ ସଂଗଠନ । ପ୍ରାରମ୍ଭରେ ୫୧ ଗୋଟି ରାଷ୍ଟ୍ରଙ୍କୁ ଏହାର ସଦସ୍ୟ ଭାବରେ ନିଆଯାଇ ୧୯୪୫ ମସିହାରେ ଏହା ଗଠନ କରାଯାଇଥିଲା ଓ ବର୍ତ୍ତମାନ ଏହାର ସଦସ୍ୟ ରାଷ୍ଟ୍ର ସଂଖ୍ୟା ୧୯୪ । ବିଶ୍ୱର ପ୍ରାୟ ଅଧିକାଂଶ ରାଷ୍ଟ୍ର ଏହାର ସଦସ୍ୟ ଅଟନ୍ତି । ସଂଯୁକ୍ତ ରାଷ୍ଟ୍ରସଂଘରର କାର୍ଯ୍ୟାବଳୀ କେବଳ ବିଭିନ୍ନ ରାଷ୍ଟ୍ରର ସରକାରଙ୍କର ଆଶା ଓ ଆବଶ୍ୟକତା ପାଇଁ ଉଦ୍ଦିଷ୍ଟ ନୁହେଁ; ବରଂ ଏହା ସମଗ୍ର ବିଶ୍ୱର ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ । ତେଣୁ ସଂଯୁକ୍ତ ରାଷ୍ଟ୍ରସଂଘ ଏକ ବିଶ୍ୱ ସଂଗଠନ ଓ ଏହାର କାର୍ଯ୍ୟ ପରିସର ବ୍ୟାପକ । କହିବା ବାହୁଲ୍ୟ ହେବଯେ, ଆମ ଜୀବନର ଏଭଳି କୌଣସି ନିର୍ଦ୍ଦିଷ୍ଟ ଘଟଣା ନାହିଁ, ଯାହାକି ସଂଯୁକ୍ତ ରାଷ୍ଟ୍ରସଂଘରର ବ୍ୟାପକ ପରସ୍ପରର ଅନ୍ତର୍ଭୁକ୍ତ ନୁହେଁ ।

### ଉଦ୍ଦେଶ୍ୟ :

ଏହି ଅଧ୍ୟାୟଟି ପାଠ କଲା ପରେ ତୁମେ ଜାଣିପାରିବ :-

- ସଂଯୁକ୍ତ ରାଷ୍ଟ୍ରସଂଘର ଉପତ୍ତି ସମ୍ପର୍କରେ,
- ଏହାର ଉଦ୍ଦେଶ୍ୟ ଓ ମୌଳିକ ଉପାଦାନ,
- ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଅଙ୍ଗଗୁଡ଼ିକର ଗଠନ ଓ କାର୍ଯ୍ୟାବଳୀ,
- ବର୍ଣ୍ଣ ବୈଷମ୍ୟ ନୀତି, ଉପନିବେଶବାଦ ଓ ମାନବାଧିକାରର ପ୍ରସାର କ୍ଷେତ୍ରରେ ସଂଯୁକ୍ତ ରାଷ୍ଟ୍ରସଂଘର ଭୂମିକା,
- ନିରାପତ୍ତା ପରିଷଦକୁ ଅଧିକ ପ୍ରତିନିଧି ମୂଳକ କରିବା ପାଇଁ ଏହାର ପୁନଃ ନିର୍ମାଣର ଆବଶ୍ୟକତା
- ଗୋଟିଏ ଶାନ୍ତିପ୍ରିୟ ଓ ସୁନ୍ଦର ତଥା ବିକଶିତ ବିଶ୍ୱଗଠନ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ଆଶା, ଭରସା ଓ ଭୂମିକା ।

## ୩୦.୧. ସଂଯୁକ୍ତ ରାଷ୍ଟସଂଘର ଉପତ୍ତି (Origin of the United Nations)

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ପ୍ରାୟ୮କୋଟି ଲୋକଙ୍କର ପ୍ରାଣହାନୀ ଘଟିଲା । ଏହି ଯୁଦ୍ଧର ବିଭୀଷିକା ପରେ ବିଶ୍ୱର ନାଗରିକ ତଥା ନେତୃବୃନ୍ଦ ବିଶ୍ୱରେ ଶାନ୍ତିରକ୍ଷା କରିବା ପାଇଁ ଏକ ବିଶ୍ୱ ସଂଗଠନର ଆବଶ୍ୟକତା ଲପଲବ୍ଧି କରିଥିଲେ ।

ଶତ୍ରୁ ପକ୍ଷ (ଜର୍ମାନୀ, ଜାପାନ ଓ ଇଟାଲୀ)ର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜୟ ପୂର୍ବରୁ ମିତ୍ର ଶକ୍ତିତ୍ରୟ– ଯୁକ୍ତରାଷ୍ଟ୍ର ଆମେରିକା, ପୂର୍ବତନ ସୋଭିଏତ୍ ୟୁନିଅନ ଓ ଇଂଲଣ୍ଡର ନେତୃତ୍ୱରେ ପୂର୍ବରୁ ଥିବା ମିଳିତ ଜାତିସଂଘ (League of Nations) ବଦଳରେ ଅନ୍ୟ ଏକ ବିଶ୍ୱ ସଂଗଠନ ଗଠନ କରିବା ପାଇଁ ସମସ୍ତେ ମାନସିକ ପ୍ରସ୍ତୁତି କରିସାରିଥିଲେ । ତଦାନୀନ୍ତନ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍ଟ ଓ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ





ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍ ଆଟଲାଣ୍ଟିକ୍ ମହାସାଗରରେ ଥିବା ଏକ ଯୁଦ୍ଧ ଜାହାଜରେ ମିଳିତ ହୋଇ ଆଟଲା[କ୍ ସନନ୍ଦ (Atlantic Charter)ରେ ସ୍ୱାକ୍ଷରକରି ଯୁଦ୍ଧୋତ୍ତର ପୃଥିବୀରେ ଶାନ୍ତିରକ୍ଷା କରିବା ପାଇଁ ଅନ୍ୟ ଗୋଟିଏ ବିଶ୍ୱ ସଂଗଠନ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ତା' ପରେ ବିଭିନ୍ନ ସମୟରେ ଅନୁଷ୍ଠିତ ସମ୍ମିଳନୀରେ ଯଥା, ମସ୍କୋ ସମ୍ମିଳନୀ, ତେହେରାନ୍ ସମ୍ମିଳନୀ, ଡୁମ୍ବାରଟୋନ ଓକ୍ ସମ୍ମିଳନୀ ଓ ୟାଲଟା ସମ୍ମିଳନୀରେ ବିଭିନ୍ନ ପ୍ରସ୍ତାବମାନ ଆଲୋଚିତ ହୋଇଥିଲା । ସର୍ବଶେଷରେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ୧୯୪୫ ମସିହା ଅପ୍ରେଲ୍ ୨୫ ତାରିଖ ଠାରୁ ଜୁନ୍ ୨୬ ତାରିଖ ମଧ୍ୟରେ ସାନ୍‌ଫ୍ରାନ୍‌ସିସ୍କୋ ସହରରେ ଆୟୋଜିତ ଏକ ସମ୍ମିଳନୀରେ ୫୧ ଗୋଟି ରାଷ୍ଟ୍ରର ୧୯୨ ଜଣ ପ୍ରତିନିଧି ମିଳିତ ହୋଇ ସଂଯୁକ୍ତ ରାଷ୍ଟ୍ରସଂଘ ଗଠନ କରିବା ପାଇଁ ନିଷ୍ପତ୍ତି ନେଲେ ଓ ଏକ ସନନ୍ଦ (Charter) ସ୍ୱାକ୍ଷରିତ ହେଲା । ଫଳରେ ୧୯୪୫ ମସିହା ଅକ୍ଟୋବର ମାସ ୨୪ ତାରିଖ ଦିନ ସଂଯୁକ୍ତ ରାଷ୍ଟ୍ରସଂଘ ଜନ୍ମ ନେଲା । ସେହି ଦିନଟି ପ୍ରତିବର୍ଷ ସଂଯୁକ୍ତ ରାଷ୍ଟ୍ରସଂଘ ଦିବସ (United Nation Day) ରୂପେ ପାଳନ କରାଯାଉଛି । ସଂପ୍ରତି ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ କାର୍ଯ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ସହରରେ ଅବସ୍ଥାପିତ ।

> ଭାରତର ବିଭିନ୍ନ ଭାଷାରେ 'ଲିଗ୍ ଅଫ୍ ନେସନ୍‌ସ' (League of Nations) କୁ 'ମିଳିତ ଜାତିସଂଘ' ଓ ୟୁନାଇଟେଡ୍ ନେସନ୍‌ସ (United Nations) କୁ 'ସଂଯୁକ୍ତ ରାଷ୍ଟ୍ରସଂଘ' ପରିଭାଷା ଦିଆଯାଇଛି ।

୧୦,୦୦୦ ଶବ୍ଦ ସମ୍ବଳିତ ଏହି ସନନ୍ଦ ହେଉଛି ସଂଯୁକ୍ତ ରାଷ୍ଟ୍ରସଂଘର ସଂବିଧାନ । ଏଥିରେ ସଂଯୁକ୍ତ ରାଷ୍ଟ୍ରସଂଘର ଉଦ୍ଦେଶ୍ୟ, ସଂଯୁକ୍ତ ରାଷ୍ଟ୍ରସଂଘ ଓ ଏହାର ସଦସ୍ୟ ରାଷ୍ଟ୍ରମାନଙ୍କର ଆଚରଣବିଧି ଓ ପରିଚାଳନା ନୀତି, ଏହାର ମୁଖ୍ୟ ଅଂଗ ଏବଂ ସେଗୁଡ଼ିକର ଗଠନ ଓ କାର୍ଯ୍ୟାବଳୀ ସମ୍ପର୍କରେ ବର୍ଣ୍ଣନା କରାଯାଇଅଛି ।

### ୩୦.୧.୧ ଉଦ୍ଦେଶ୍ୟ ଓ ନୀତି

ସର୍ବ ପ୍ରଥମେ ଏହି ସନନ୍ଦରେ ସଂଯୁକ୍ତ ରାଷ୍ଟ୍ରସଂଘର ଚାରିଗୋଟି ମୁଖ୍ୟ ଉଦ୍ଦେଶ୍ୟ ବର୍ଣ୍ଣନା କରାଯାଇଛି । ସେ ଗୁଡ଼ିକ ହେଲା :

(i) ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା ପାଇଁ ମିଳିତ ଭାବରେ ଯେ କୌଣସି ଆକ୍ରମଣକୁ ଦମନ କରିବା ଓ ଶାନ୍ତିପୂର୍ଣ୍ଣ ଉପାୟରେ ବିବାଦର ସମାଧାନ କରିବା;

(il) ସମାନତା ଓ ଆତ୍ମସିଦ୍ଧାନ୍ତ (Self determination) ନୀତିକୁ ସମ୍ପୂର୍ଣ୍ଣ ସମ୍ମାନ ଦେଇ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବନ୍ଧୁତା ସ୍ଥାପନ କରିବା;

(iii) ଆର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ମାନବିକ ସମ୍ପର୍କ ପ୍ରତିଷ୍ଠା ତଥା ସମ୍ପର୍କ ବୃଦ୍ଧି କ୍ଷେତ୍ରରେ ଆନ୍ତର୍ଜାତୀୟ ସହଯୋଗ କାମନା କରିବା;

(iv) ମାନବିକ ଅଧିକାର ବା ମାନବାଧିକାର ଓ ମୌଳିକ ଅଧିକାର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଏହାର ସୁରକ୍ଷା ପାଇଁ ରାଷ୍ଟ୍ରମାନଙ୍କୁ ଉତ୍ସାହିତ କରିବା;

ଉପରୋକ୍ତ ଉଦ୍ଦେଶ୍ୟ ଗୁଡ଼ିକ ପୂରଣ କରିବା ପାଇଁ ଉଭୟ ସଂଯୁକ୍ତ ରାଷ୍ଟ୍ରସଂଘ ଓ ଏହାର ସଦସ୍ୟ ରାଷ୍ଟ୍ରବୃନ୍ଦ କେତେକ ଗୁରୁତ୍ୱପୂର୍ଣ୍ଣ ନୀତିକୁ ପାଳନ କରିବାକୁ ପଡ଼ିବ । ସବୁଠାରୁ ମୁଖ୍ୟ ବିଷୟ ହେଉଛି – ଛୋଟ ହେଉ ବା ବଡରାଷ୍ଟ୍ର ହେଉ, ଦୁର୍ବଳ ହେଉ ବା ବଳଶାଳୀ ରାଷ୍ଟ୍ରହେଉ, ସେମାନେ ସମସ୍ତେ ସମାନ । ସଦସ୍ୟ ରାଷ୍ଟ୍ରମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ସଂଯୁକ୍ତ ରାଷ୍ଟ୍ରସଂଘ ଆଦୌ ହସ୍ତକ୍ଷେପ କରିବନାହିଁ ।

ସଦସ୍ୟ ରାଷ୍ଟ୍ରମାନେ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତାକୁ ସମ୍ମାନ ଦେବା ସହ ନିଜ ନିଜ ଭିତରେ ସମସ୍ତ ବିବାଦର ଶାନ୍ତି ପୂର୍ଣ୍ଣ ସମାଧାନ କରିବା ଉଚିତ । ପୁନଶ୍ଚ ସଦସ୍ୟ ରାଷ୍ଟ୍ରମାନେ ଅନ୍ୟ ରାଷ୍ଟ୍ରପତି ଭୟ

ପ୍ରଦର୍ଶନ ଓ ଶକ୍ତି ପ୍ରୟୋଗରୁ କ୍ଷାନ୍ତ ରହିବା ଉଚିତ । ଆନ୍ତର୍ଜାତୀୟ ଶାନ୍ତିରକ୍ଷା ଉଦ୍ୟମରେ ସଂଯୁକ୍ତ ରାଷ୍ଟ୍ରସଂଘକୁ ଏହାର ସଦସ୍ୟରାଷ୍ଟ୍ର ମାନେ ସହଯୋଗ ପ୍ରଦାନ କରିବା ଉଚିତ ।

ଉପରୋକ୍ତ ଆଲୋଚନାରୁ ଏହି କଥା ଆମେ ଜାଣିଲୁ ଯେ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଉଦ୍ଦେଶ୍ୟ । ଶାନ୍ତି ରକ୍ଷା ସହିତ ଅନ୍ୟ ଉଦ୍ଦେଶ୍ୟଗୁଡିକ ପରିପୂରକ । ସଂଯୁକ୍ତ ରାଷ୍ଟ୍ରସଂଘର ଭୂମିକା ଆଲୋଚନା କଲାବେଳେ ଆମକୁ ଗୋଟିଏ ମୌଳିକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବଯେ ଏହା ଏକ ରାଜନୈତିକ ସଂସ୍ଥା ଏବଂ ବିଶ୍ୱ ରାଜନୀତି ପରିପ୍ରେକ୍ଷୀରେ ଏହି ସଂସ୍ଥା ନିଜର ସଦସ୍ୟ ରାଷ୍ଟ୍ରର ସରକାରଙ୍କୁ ସାହାଯ୍ୟ ଓ ସହାୟତା ପ୍ରଦାନ କରିବ !

ରାଷ୍ଟ୍ରରେ କାର୍ଯ୍ୟରତ ସରକାରମାନଙ୍କର କାର୍ଯ୍ୟଶୈଳୀ ଓ ଆନ୍ତର୍ଜାତୀୟ ରାଜନୀତିର ଧାରା ନିଶ୍ଚଳ ନୁହେଁ, ସମୟ ଅନୁସାରେ ଏହା ପରିବର୍ତ୍ତନଶୀଳ । ତେଣୁ କ୍ଷମତାଗୁଡ଼ିକୁ ପ୍ରୟୋଗ କଲାବେଳେ ସଂଯୁକ୍ତ ରାଷ୍ଟ୍ରସଂଘ କଠୋର, ଯନ୍ତ୍ରବତ୍ ବା ସମସ୍ତଙ୍କ ପାଇଁ ସମାନ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ । ଏହି ସବୁ ଦୃଷ୍ଟିରୁ ଚିନ୍ତାକଲେ ସଂଯୁକ୍ତ ରାଷ୍ଟ୍ରସଂଘର ଭୂମିକା ପରିବର୍ତ୍ତନଶୀଳ ଓ ବାସ୍ତବବାଦ ଉପରେ ପର୍ଯ୍ୟବେଶିତ ହେବା ଆବଶ୍ୟକ । ସଂଯୁକ୍ତ ରାଷ୍ଟ୍ରସଂଘ ଯେଉଁଠାରେ ଶାନ୍ତି ବ୍ୟାହତ ହୋଇଛି ବୋଲି ଅଭିଯୋଗ ପାଇବା ସାଙ୍ଗେ ସାଙ୍ଗେ ଆକ୍ରମଣ କାରୀ ରାଷ୍ଟ୍ରକୁ ନିନ୍ଦାକରିବା ଅନୁଚିତ । ବରଂ ପ୍ରତିବଦଳରେ ତତ୍‌କ୍ଷଣାତ୍ ଯୁଦ୍ଧ ବନ୍ଦ କରିବା ପାଇଁ ଓ ସୈନ୍ୟ ବାହିନୀକୁ ଯୁଦ୍ଧ ପୂର୍ବବର୍ତ୍ତୀ ଅବସ୍ଥାକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦେଇପାରିବ ।

## ପ୍ରଶ୍ନାବଳୀ ୩୦.୧

**ଶୂନ୍ୟସ୍ଥାନ ପୂରଣ କର**

୧। ________ନଗରୀରେ ୧୯୪୫ ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦ ସ୍ୱାକ୍ଷରିତ ହୋଇଥିଲା । (ଜେନେଭା, ନ୍ୟୁୟର୍କ, ସାନ୍‌ଫ୍ରାନ୍‌ସିସ୍‌କୋ)

୨। ________ରାଷ୍ଟ୍ର ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରାଥମିକ ସଦସ୍ୟ ଥିଲେ । (୪୫,୫୧,୧୯୧)

୩। ________ ସଂଯୁକ୍ତ ରାଷ୍ଟ୍ରସଂଘ ସନନ୍ଦର ମୁଖ୍ୟ ଉଦ୍ଦେଶ୍ୟ ।

**ନିମ୍ନଲିଖିତ ବାକ୍ୟ ଠିକ୍ କିମ୍ବା ଭୁଲ୍ ଦର୍ଶାଅ -**

୪। ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସାର୍ବଭୌମ ସମାନତା ରକ୍ଷା କରିବା ସଂଯୁକ୍ତ ରାଷ୍ଟ୍ରସଂଘ ମୁଖ୍ୟ ନୀତି ।
(ଠିକ୍ କିମ୍ବା ଭୁଲ୍)

୫। ସାଧାରଣତ ସଦସ୍ୟ ରାଷ୍ଟ୍ରମାନଙ୍କର ଆଭ୍ୟନ୍ତରୀଣ ସମସ୍ୟା ଗୁଡିକ ବିଚାରକୁ ନିଏ ନାହିଁ ।
(ଠିକ୍ କିମ୍ବା ଭୁଲ)


୬। ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ସଂଖ୍ୟା ଏହାର ଗଠନ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ବଢ଼ିନାହିଁ ।
(ଠିକ୍ କିମ୍ବା ଭୁଲ୍)

## ୩୦. ୨. ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଅଙ୍ଗ : ଗଠନ ଓ କାର୍ଯ୍ୟାବଳୀ

୧। ସାଧାରଣ ପରିଷଦ (The General Assembly)

୨। ନିରାପତ୍ତା ପରିଷଦ (The Security Council)

୩। ଅର୍ଥନୈତିକ ଓ ସାମାଜିକ ପରିଷଦ(The Economic and social council)



Notes

୪। ନ୍ୟାସ ପରିଷଦ (The Trusteeship Council)

୫। ଆନ୍ତର୍ଜାତୀୟ ନ୍ୟାୟାଳୟ / ଆନ୍ତର୍ଜାତୀୟ ବିଚାରାଳୟ (The International Court of Justice)

୬। ସଚିବାଳୟ ( The Secretariat)

ଯଦିଓ ଏହି ମୁଖ୍ୟଅଙ୍ଗ ଗୁଡ଼ିକ ବହୁଳ ଭାବରେ ପରସ୍ପର ପରସ୍ପର ସହିତ ସଂଯୁକ୍ତ, ତଥାପି ସେମାନଙ୍କର ଗଠନ ଓ କ୍ଷମତା ଦୃଷ୍ଟିରୁ ସେମାନେ ପରସ୍ପରଠାରୁ ପୃଥକ୍ । ଆମେ ଗୋଟିକ ପରେ ଗୋଟିଏ ସେମାନଙ୍କ ବିଷୟରେ ଆଲୋଚନା କରିବା ।

### ୩୦. ୨.୧. ସାଧାରଣ ପରିଷଦ (The General Assembly)

ସଂଯୁକ୍ତ ରାଷ୍ଟ୍ରସଂଘର ଛଅଗୋଟି ମୁଖ୍ୟ ଅଙ୍ଗମାନଙ୍କ ମଧ୍ୟରେ ସାଧାରଣ ପରିଷଦ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସାର୍ବଭୌମ ସମାନତା ଓ ସାର୍ବଜନୀନତା ନୀତି ତା'ର ଗଠନରେ ରୂପାୟିତ ହୋଇଅଛି । ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର (ବର୍ତ୍ତମାନ ୧୯୪) ସାଧାରଣ ପରିଷଦର ସଦସ୍ୟ ଅଟନ୍ତି । ଆକାର ଓ କ୍ଷମତା ବା ଶକ୍ତି ନିର୍ବିଶେଷରେ ପ୍ରତ୍ୟେକ ସଦସ୍ୟରାଷ୍ଟ୍ର ସାଧାରଣ ପରିଷଦରେ ମାତ୍ର ଗୋଟିଏ ଭୋଟ୍ (vote) ଦେଇ ପାରିବେ । ଯୁକ୍ତରାଷ୍ଟ୍ର ଆମେରିକାର ଗୋଟିଏ ଭୋଟ୍, ଭୁଟାନ୍ କିମ୍ବା କ୍ୟୁବାର ଗୋଟିଏ ଭୋଟ୍ ସହିତ ସମାନ । ପ୍ରତ୍ୟେକ ସଦସ୍ୟରାଷ୍ଟ୍ର ସାଧାରଣ ପରିଷଦକୁ ପାଞ୍ଚଜଣ ଲେଖାଁଏ ପ୍ରତିନିଧି ପଠାଇ ଥାଆନ୍ତି । ଯେଉଁ ସମସ୍ୟା ଗୁଡ଼ିକ ସାଧାରଣ ପରିଷଦକୁ ଆସେ, ପରିଷଦ ସେସବୁ ବିଷୟ ଆଲୋଚନା କରେ, ଶାନ୍ତି ଓ ନିରାପତ୍ତା ସଂକ୍ରାନ୍ତୀୟ ପ୍ରଶ୍ନ ଉପରେ ସୁପାରିଶ କରେ, ନୂତନ ସଦସ୍ୟ ଗ୍ରହଣ କରେ ଓ ସଂଯୁକ୍ତ ରାଷ୍ଟ୍ରସଂଘର ଆୟବ୍ୟୟ ଅଟକଳ (budget) ଅନୁମୋଦନ କରେ । ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠ ସଦସ୍ୟରାଷ୍ଟ୍ରଙ୍କର ସମର୍ଥନରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସାଧାରଣ ପରିଷଦ ନିଷ୍ପତ୍ତି ନେଇଥାଏ । କିନ୍ତୁ ଅନ୍ୟସବୁ ସାଧାରଣ ସମସ୍ୟା ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ସାଧାରଣ ସଂଖ୍ୟାଗରିଷ୍ଠ (୫୦% +୧) ସମର୍ଥନ ଆବଶ୍ୟକ ହୋଇଥାଏ । ପ୍ରତିବର୍ଷ ସାଧାରଣ ପରିଷଦର ନିୟମିତ ଅଧିବେଶନ ଗୋଟିଏ ଥର ବସେ ଓ ଆବଶ୍ୟକ ପଡ଼ିଲେ ଜରୁରୀ କାଳୀନ ବିଶେଷ ଅଧିବେଶନ ବା ସ୍ୱତନ୍ତ୍ର ଅଧିବେଶନ ବସିପାରେ । ସାଧାରଣ ପରିଷଦକୁ "ବିଶ୍ୱ ସଂସଦ" ବୋଲି କୁହାଯାଏ । ଏଠାରେ ଯେ କୌଣସି ପ୍ରସଙ୍ଗରେ ଆଲୋଚନା କରାଯାଇପାରେ । ଏଠାରେ ଶାନ୍ତି ଓ ନିରାପତ୍ତା ସଂପର୍କିତ ପ୍ରଶ୍ନ, ପରିବେଶ ସୁରକ୍ଷା, ଅର୍ଥନୈତିକ ବିକାଶ, ଔପନିବେଶିକ ପ୍ରଶାସନିକ ସମସ୍ୟା, ନିରସ୍ତ୍ରୀକରଣ, ଶରଣାର୍ଥୀ ବା ରିଫ୍ୟୁଜି ସମସ୍ୟା, ଜନସଂଖ୍ୟା ବିସ୍ଫୋରଣ, ମହାକାଶ ଓ ଗଭୀର ସମୁଦ୍ରର ବ୍ୟବହାର ଜନିତ ସମସ୍ୟା ଗୁଡ଼ିକ ଆଲୋଚନା କରାଯାଇଥାଏ । ସାଧାରଣ ପରିଷଦ କେବଳ ସୁପାରିଶ କରିପାରିବ । ଅଦ୍ୟାବଧି ସାଧାରଣ ପରିଷଦ ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣାନାମା ଜାରି କରିବା ସହ ଆନ୍ତର୍ଜାତୀୟ ସହଯୋଗ କାମନା କରିଅଛି । ସାର୍ବଜନୀନ ମାନବାଧିକାର ଘୋଷଣାନାମା (୧୯୪୮), ଉପନିବେଶ ଦୂରୀକରଣ ଘୋଷଣାନାମା (୧୯୬୦), ନୂତନ ଅନ୍ତର୍ଜାତୀୟ ଅର୍ଥନୈତିକ ବ୍ୟବସ୍ଥା ସମ୍ପର୍କିତ ଘୋଷଣାନାମା (୧୯୭୪), ଶିଶୁମାନଙ୍କର ଅଧିକାର ସମ୍ପର୍କିତ ଘୋଷଣାନାମା (୧୯୮୯), ଆନ୍ତର୍ଜାତୀୟ ସନ୍ତ୍ରାସବାଦ ଘୋଷଣାନାମା (୧୯୯୪) ପ୍ରଭୃତି କେତେଗୋଟି ଉଦାହରଣ ଏଠାରେ ଉଲ୍ଲେଖଯୋଗ୍ୟ । ଏହି ଘୋଷଣାନାମା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଜାତୀୟନୀତି ଓ କାର୍ଯ୍ୟକ୍ରମରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଦସ୍ୟରାଷ୍ଟ୍ରମାନେ ଆଗେଇ ଆସିବା ଉଚିତ । ଉକ୍ତ ଘୋଷଣାନାମାଗୁଡ଼ିକ ପ୍ରତି ରାଷ୍ଟ୍ରର ସରକାରମାନେ ମାନିବାକୁ ବାଧ୍ୟ ନୁହଁନ୍ତି । ମାତ୍ର ଏହାର ଅନେକ ନୈତିକ ଓ ରାଜନୈତିକ ଗୁରୁତ୍ୱ ରହିଛି । ସେହି ଦୃଷ୍ଟିରୁ ସରକାରମାନେ ଏହାକୁ ଉପେକ୍ଷା କରିପାରିବେ ନାହିଁ । ନାଗରିକମାନଙ୍କର ସାମାଜିକ, ରାଜନୈତିକ, ଅର୍ଥନୈତିକ ଅଧିକାର ସମ୍ପର୍କିତ ସନନ୍ଦ, ସମୁଦ୍ର ଜଳର ଅପବ୍ୟବହାର ନିଷେଧ


ଆଇନ, ରାସାୟନିକ ଓ ଜୈବିକ ଅସ୍ତ୍ରଶସ୍ତ୍ର ନିଷେଧ ଆଇନ ପ୍ରଭୃତି ଅନେକ ଆଇନକୁ ସାଧାରଣ ପରିଷଦ ଅନୁମୋଦନ କରିଅଛି । ପ୍ରତି ରାଷ୍ଟ୍ରର ସଂସଦ ଦ୍ୱାରା ପ୍ରଣୀତ ଆଇନ ଉକ୍ତ ରାଷ୍ଟ୍ରର ସମସ୍ତ ନାଗରିକ ମାନିବାକୁ ବାଧ୍ୟ ହୋଇଥାନ୍ତି, ମାତ୍ର ଆନ୍ତର୍ଜାତୀୟ ଆଇନ ଓ ପ୍ରଥା ଯଦି ରାଷ୍ଟ୍ରମାନେ ନିଜ ତରଫରୁ ମାନିବାକୁ ଚାହିଁବେ ତେବେ ମାନିବେ । ସଂଯୁକ୍ତ ରାଷ୍ଟ୍ରସଂଘର ବିଭିନ୍ନ ଅଙ୍ଗ ପାଇଁ ସଦସ୍ୟମାନଙ୍କୁ ସାଧାରଣ ପରିଷଦ ନିର୍ବାଚିତ କରିଥାଏ । ସାଧାରଣ ପରିଷଦ ସଂଯୁକ୍ତ ରାଷ୍ଟ୍ରସଂଘର ମହା ସଚିବଙ୍କୁ (Secretary General) ନିଯୁକ୍ତି ଦିଏ । ଏହା ଅର୍ଥନୈତିକ ଓ ସାମାଜିକ ପରିଷଦ, ନିରାପତ୍ତା ପରିଷଦ, ନ୍ୟାସ ପରିଷଦ ଏବଂ ଅନ୍ୟାନ୍ୟ ସଂସ୍ଥାର କାର୍ଯ୍ୟକୁ ତଦାରଖ କରିଯାଏ । ସାଧାରଣ ପରିଷଦରେ ସଂଯୁକ୍ତ ରାଷ୍ଟ୍ରସଂଘର ଆୟବ୍ୟୟର ଅଟକଳ ଅନୁମୋଦନ ହୁଏ ଏବଂ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅର୍ଥ ଆବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଏ । ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦର ଆବଶ୍ୟକ ସଂଶୋଧନ ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବ ସାଧାରଣ ପରିଷଦର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଓ ନିରାପତ୍ତା ପରିଷଦର ସମସ୍ତ ସ୍ଥାୟୀ ସଦସ୍ୟଙ୍କ ଅନୁମୋଦନ ସହିତ ଗୃହୀତ ହେବା ପରେ କାର୍ଯ୍ୟକାରୀ ହୁଏ ।

### ୩୦. ୨.୨. ନିରାପତ୍ତା ପରିଷଦ (The Security Council)

ନିରାପତ୍ତା ପରିଷଦ ସଂଯୁକ୍ତ ରାଷ୍ଟ୍ରସଂଘର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପାଳିକା ଅଙ୍ଗ । ଆନ୍ତର୍ଜାତୀୟ ଶାନ୍ତି ସ୍ଥାପନ ଓ ନିରାପତ୍ତା ରକ୍ଷା କରିବା ଏହାର ମୁଖ୍ୟ ଦାୟିତ୍ୱ । ଏହାର ଗଠନ ଓ ନିଷ୍ପତ୍ତି ଗ୍ରହଣ କରିବାର ବିଶେଷ କ୍ଷମତା ଦୃଷ୍ଟିରୁ ଏହା ସାଧାରଣ ପରିଷଦ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହା ସାଧାରଣ ପରିଷଦ ଠାରୁ ଏହି ଦୃଷ୍ଟିରୁ ଭିନ୍ନ ଯେ ଏହାର ସଦସ୍ୟ ସଂଖ୍ୟା ମାତ୍ର ୧୫ ଓ ତନ୍ମଧ୍ୟରୁ ୫ଜଣ ହେଉଛନ୍ତି ସ୍ଥାୟୀ ସଦସ୍ୟ । ଏହି ରାଷ୍ଟ୍ର ଗୁଡ଼ିକ ହେଲା – ଚୀନ୍, ଫ୍ରାନ୍ସ, ରୁଷିଆ, ଗ୍ରେଟ୍ ବ୍ରିଟେନ ଓ ଯୁକ୍ତରାଷ୍ଟ୍ର ଆମେରିକା । ଅନ୍ୟ ଯେଉଁ ୧୦ଜଣ ସଦସ୍ୟ ରହିଲେ ସେମାନେ ସ୍ଥାୟୀ ସଦସ୍ୟ ନୁହନ୍ତି ଓ ସେମାନେ ସାଧାରଣ ପରିଷଦ ଦ୍ୱାରା ଦୁଇବର୍ଷ ପାଇଁ ନିର୍ବାଚିତ ହୋଇଥା'ନ୍ତି । ସେମାନେ ବିଶ୍ୱର ଭିନ୍ନ ଭିନ୍ନ ଭୌଗୋଳିକ ଅଞ୍ଚଳର ପ୍ରତିନିଧିତ୍ୱ କରିଥା'ନ୍ତି, ଯେପରି ଏସିଆ, ଆଫ୍ରିକା, ଲାଟିନ୍ ଆମେରିକା ପଶ୍ଚିମ ଏବଂ ପୂର୍ବ ୟୁରୋପ । ପ୍ରଥମରୁ ଏହାର କ୍ଷୁଦ୍ର ଆକାରରୁ ଅନୁମାନ କରାଯାଉଥିଲା ଯେ କେବଳ ନଅଗୋଟି ସଦସ୍ୟଙ୍କର ଆସ୍ତି ସୂଚକ ଭୋଟ୍‌ରେ କାର୍ଯ୍ୟବିଧି ଅନୁସାରେ ସହଜରେ ନୀତିଗତ ନିଷ୍ପତ୍ତି ନିଆଯାଇପାରିବ । ମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ନଅଗୋଟି ଆସ୍ତି ସୂଚକ ଭୋଟ୍ ସମେତ ସମସ୍ତ ସ୍ଥାୟୀ ସଦସ୍ୟଙ୍କର ଭୋଟ୍ ମଧ୍ୟ ଅନ୍ତର୍ଭୁକ୍ତ । ଅନ୍ୟ ଅର୍ଥରେ ପାଞ୍ଚଜଣ ସ୍ଥାୟୀ ସଦସ୍ୟଙ୍କ ମଧ୍ୟରୁ କେହି ଜଣେ ଯଦି ନାସ୍ତି ସୂଚକ ଭୋଟ ଦିଏ, ତେବେ ନିରାପତ୍ତା ପରିଷଦ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବ ନାହିଁ । ନିରାପତ୍ତା ପରିଷଦର ଏହି ସ୍ୱତନ୍ତ୍ର କ୍ଷମତାକୁ ଭିଟୋ କ୍ଷମତା (Veto Power) କୁହାଯାଏ । ନିରାପତ୍ତା ପରିଷଦରେ ଭୋଟ୍ ଦାନରୁ ବିରତ ରହିବା ଭିଟୋ କ୍ଷମତା ଅନ୍ତର୍ଗତ ନୁହେଁ । ଏହି ଭିଟୋ କ୍ଷମତା ପ୍ରାରମ୍ଭରୁ ସମାଲୋଚନାର ଶୀକାର ହୋଇ ଆସିଅଛି । ଭିଟୋ କ୍ଷମତା ସଦସ୍ୟ ରାଷ୍ଟ୍ରମାନଙ୍କର ସାର୍ବଭୌମ ସମାନତା ନୀତିକୁ କ୍ଷୁର୍ଣ୍ଣ କରିଛି ।

> ଭିଟୋ : କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିରାପତ୍ତା ପରିଷଦର ପା*ଜଣ ସ୍ଥାୟୀ ସଦସ୍ୟରାଷ୍ଟ୍ରଙ୍କର ନାସ୍ତି ସୂଚକ କ୍ଷମତା ରହିଛି । ଏହି ସ୍ୱତନ୍ତ୍ର କ୍ଷମତା ବା ସୁଯୋଗର ଅନ୍ୟନାମ ହେଲା ଭିଟୋ ।

ନିରାପତ୍ତା ପରିଷଦର କ୍ଷମତା ଓ କାର୍ଯ୍ୟାବଳୀ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା ପରିସୀମା ମଧ୍ୟରେ ଆବଦ୍ଧ । ଦୁଇ ବା ଅଧିକ ରାଷ୍ଟ୍ର ମଧ୍ୟରେ ବିବାଦ ଉପୁଜିଲେ ନିରାପତ୍ତା ପରିଷଦ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଯଥୋଚିତ ସୁପାରିଶ କରିଥାଏ । ମାତ୍ର ଅନିଚ୍ଛା ପ୍ରକାଶ କରୁଥିବା ରାଷ୍ଟ୍ର ପ୍ରତି ଏହା ଲାଗୁ ହେବ ନାହିଁ । ଉଦାହରଣ ସ୍ୱରୂପ ଜାମ୍ମୁ-କାଶ୍ମୀର ବିବାଦର କଥା ଧରାଯାଉ; ଯେ ପର୍ଯ୍ୟନ୍ତ ଉଭୟ ଭାରତ ଓ ପାକିସ୍ଥାନ ସେମାନଙ୍କ ମଧ୍ୟରେ ବିବାଦର ଶାନ୍ତିପୂର୍ଣ୍ଣ ମୀମାଂସା ପାଇଁ ରାଜି ନ ହେବେ,



Notes

ସେ ପର୍ଯ୍ୟନ୍ତ ନିରାପତ୍ତା ପରିଷଦର ପରାମର୍ଶ ନିରର୍ଥକ । ନିରାପତ୍ତା ପରିଷଦ ତା'ର ଅତିରିକ୍ତ ବା ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ ଜରିଆରେ ରାଷ୍ଟ୍ର -ରାଷ୍ଟ୍ର ମଧ୍ୟରେ ସଂଗଠିତ ଯୁଦ୍ଧ ଓ ଯୁଦ୍ଧର ଆଶଂକାର ମୁକାବିଲା କରିପାରେ । ନିରାପତ୍ତା ପରିଷଦ କେଉଁ ପ୍ରକାର ପଦକ୍ଷେପ ନେବ ତାହା ତା'ର ଇଚ୍ଛା ଉପରେ ନିର୍ଭର କରେ । ଏହି ପ୍ରକାର ଅର୍ଥନୈତିକ ଅଙ୍କୁଶ ମଧ୍ୟରେ ରହିଛି ବିଦେଶରେ ଥିବା ସଂପତ୍ତି ଗୁଡିକ ବାଜ୍ୟାପ୍ତି କରିବା, ଆମଦାନୀ ରପ୍ତାନୀ ନିଷିଦ୍ଧ କରିବା, ଜଳ, ସ୍ଥଳ ଓ ଆକାଶ ପଥରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଇତ୍ୟାଦି । ଯେତେବେଳେ ନିରାପତ୍ତା ପରିଷଦ ଏହିପରି ଦୃଢ଼ ନିଷ୍ପତ୍ତି ନେବ, ସେତେବେଳେ କେବଳ ଯୁଦ୍ଧରତ ରାଷ୍ଟ୍ରମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ହେବ ନାହିଁ ବରଂ ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ସଦସ୍ୟରାଷ୍ଟ୍ରଙ୍କ ପାଇଁ ଏହା ଉଦ୍ଦିଷ୍ଟ ହେବ । ଥରେ ନିରାପତ୍ତା ପରିଷଦ ଏହି ନିଷ୍ପତ୍ତି ନେଲେ ସଦସ୍ୟ ରାଷ୍ଟ୍ରମାନେ ଏହାକୁ କିପରି କାର୍ଯ୍ୟକାରୀ କରିବେ ତାହା ଉପରେ ଧ୍ୟାନ ଦେବା ଉଚିତ । ଏଭଳି ନିଷ୍ପତ୍ତିରେ ସ୍ଥାୟୀ ସଦସ୍ୟମାନଙ୍କର ସହମତି ଥାଏ । ଶୀତଳ ଯୁଦ୍ଧର ପରିସମାପ୍ତି ପରେ ବର୍ତ୍ତମାନ ସୁଦ୍ଧା ନିରାପତ୍ତା ପରିଷଦ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା ପାଇଁ ଏଭଳି ଅନେକ ନିଷ୍ପତ୍ତି ନେଇଅଛି । ନିରାପତ୍ତା ପରିଷଦ ଏ ପର୍ଯ୍ୟନ୍ତ ୨୫ ଗୋଟି ରାଷ୍ଟ୍ର ବିରୁଦ୍ଧରେ ଅର୍ଥନୈତିକ ଓ କୁଟନୈତିକ ପ୍ରତିବନ୍ଧକ ବା ଅଙ୍କୁଶ ଜାରୀ କରିଅଛି; ଯଥା-କୁଟନୈତିକ ସଂପର୍କ ଛିନ୍ନ କରିବା, ତୈଳ ଆମଦାନୀ ରପ୍ତାନୀ ବନ୍ଦ କରିବା, ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ରଖିବା, ବିଦେଶରେ ଥିବା ସଂପତ୍ତିକୁ ବାଜ୍ୟାପ୍ତି କରିବା, ଇତ୍ୟାଦି । ହାଇଟି, ଇରାନ୍, ଲିବ୍ୟା, ସୋମାଲିଆ, ପଶ୍ଚିମ ଆଫ୍ରିକା ପ୍ରଭୃତି କେତେକ ରାଷ୍ଟ୍ର ଏହାର ଶୀକାର ହୋଇଛନ୍ତି । ଯେହେତୁ ଆକ୍ରମଣକାରୀ ରାଷ୍ଟ୍ରମାନଙ୍କ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ନିଜସ୍ୱ ସାମରିକ ବାହିନୀ ନାହିଁ, ତେଣୁ ଏହା ସଦସ୍ୟ ରାଷ୍ଟ୍ରମାନଙ୍କୁ ଅନୁରୋଧ କରି ସେମାନଙ୍କର ସାମରିକ ବାହିନୀର ସହଯୋଗରେ ଶାନ୍ତି ରକ୍ଷା କରିଥାଏ । ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା ସ୍ୱୀକୃତ ସାମରିକ ବାହିନୀ ଦ୍ୱାରା ୧୯୫୦ ମସିହାରେ ଉତ୍ତର କୋରିଆ ସାମରିକ ବାହିନୀଙ୍କୁ ଦକ୍ଷିଣ କୋରିଆରୁ ଓ ୧୯୯୦ ମସିହାରେ ଇରାକୀ ସାମରିକ ବାହିନୀଙ୍କୁ କୁଏଟ୍‌ରୁ ଫେରାଇ ଆଣିବାକୁ ଏହା ସକ୍ଷମ ହୋଇଥିଲା । ସଂପ୍ରତି ୨୦୦୩ ମସିହାରେ ଇରାକ୍ ବିରୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକାର ଯୁଦ୍ଧ ଘୋଷଣାକୁ ନିରାପଦ ପରିଷଦ ଅନୁମୋଦନ କରିନଥିଲା । ତେଣୁ ଇରାକ ଉପରେ ଆମେରିକୀୟ ଆକ୍ରମଣ ନ୍ୟାୟୋଚିତ ନଥିଲା । ଏହିପରି ସଫଳ କାର୍ଯ୍ୟକ୍ରମକୁ ସଂଯୁକ୍ତ ରାଷ୍ଟ୍ରସଂଘର 'ଶାନ୍ତିରକ୍ଷା ପ୍ରକ୍ରିୟା (Peace Keeping Operation) କୁହାଯାଏ ।'

### ୩୦.୨.୩. ଅର୍ଥନୈତିକ ଓ ସାମାଜିକ ପରିଷଦ (The Economic and Social Council)

ଅର୍ଥନୈତିକ ଓ ସାମାଜିକ ପରିଷଦ- ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗର ପ୍ରସାରରେ ସହାୟତା କରେ । ବିଭିନ୍ନ ଭୌଗୋଳିକ ଅଂଚଳର ପ୍ରତିନିଧିତ୍ୱ ଅନୁସାରେ ସାଧାରଣ ପରିଷଦ ଦ୍ୱାରା ଏହାର ୫୪ ଜଣ ସଦସ୍ୟ ତିନିବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । ପରିଷଦର ବୈଠକରେ ଉପସ୍ଥିତ ଥିବା ସାଧାରଣ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କର ସମର୍ଥନ ବା ଭୋଟ ମାଧ୍ୟମରେ ସମସ୍ତ ନିଷ୍ପତ୍ତି ନିଆଯାଏ । ଏହା ଆନ୍ତର୍ଜାତୀୟ ସ୍ତରରେ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ମାନବ ସମାଜର ହିତ ସାଧନା ସଂପର୍କିତ ସମସ୍ୟା ଗୁଡ଼ିକୁ ବିଚାରକୁ ନେଇଥାଏ । ପରିଷଦ ନାରୀ ମାନଙ୍କର ମର୍ଯ୍ୟାଦା, ଜନସଂଖ୍ୟା ବୃଦ୍ଧି, ମାନବାଧିକାର ଇତ୍ୟାଦି ବିଷୟ ଉପରେ ଅନୁଧ୍ୟାନ କରିବା ଓ ଉପଦେଶ ବା ପରାମର୍ଶ ଦେବାପାଇଁ ଆୟୋଗମାନ ଗଠନ କରିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଆନ୍ତର୍ଜାତୀୟ ଶ୍ରମିକ ସଂଗଠନ ପରି ଅନେକ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଏହି ପରିଷଦର ମୁଖ୍ୟ କାର୍ଯ୍ୟ । ଅଧ୍ୟୟନ, ଆଲୋଚନା ଓ ସମନ୍ୱୟରକ୍ଷା ଜରିଆରେ ଏହା ନିଯୁକ୍ତି, ଉଚ୍ଚମାନର ଜୀବନ ଧାରଣ ଓ ଆନ୍ତର୍ଜାତୀୟ ସ୍ତରରେ ଅର୍ଥନୈତିକ ଓ ସାମାଜିକ ସମସ୍ୟା ଗୁଡିକର ସମାଧାନ ମଧ୍ୟ କରିଥାଏ ।

### ୩୦. ୨.୪. ନ୍ୟାସ ପରିଷଦ (The Trusteeship Council)

ଆନ୍ତର୍ଜାତୀୟ ନ୍ୟାସ ବ୍ୟବସ୍ଥାର ତଦାରଖ କରିବା ପାଇଁ ନ୍ୟାସ ପରିଷଦ ସୃଷ୍ଟି କରାଯାଇଅଛି । ଏହି ବ୍ୟବସ୍ଥାରେ ପୂର୍ବରୁ ଯେଉଁ ୧୧ଟି ଅଂଚଳ ଏହି ପରିଷଦ ଅଧିନରେ ଥିଲା ଏବେ ସେମାନେ ମୁକ୍ତ ହୋଇ ସାରିବା ପରେ ସଂଯୁକ୍ତ ରାଷ୍ଟ୍ରସଂଘର ନ୍ୟାସ ପରିଷଦର ଆଉ କୌଣସି ସକ୍ରିୟ ଭୂମିକା ନାହିଁ ଓ ଏହାର ଆଉ ବୈଠକ ମଧ ବସୁନାହିଁ । ଏହି ପରିସ୍ଥିତିରେ ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦକୁ ସଂଶୋଧିତ କରି ଏହାକୁ ଭାଙ୍ଗିଦେବା ଉଚିତ ହେବ କାରଣ ଏହାର ଆଉ ଆବଶ୍ୟକତା ନାହିଁ ।

### ୩୦.୨.୫. ଆନ୍ତର୍ଜାତୀୟ ବିଚାରାଳୟ ବା ଆନ୍ତର୍ଜାତୀୟ ନ୍ୟାୟାଳୟ (The International Court of Justice)

ନେଦରଲ୍ୟାଣ୍ଡର "ଦି ହେଗ୍"ରେ ଅବସ୍ଥିତ ଆନ୍ତର୍ଜାତୀୟ ବିଚାରାଳୟକୁ ବିଶ୍ୱ ଅଦାଲତ ମଧ କୁହାଯାଏ ଓ ଏହା ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ନ୍ୟାୟପାଳିକା ଅଙ୍ଗ । ଏହି ନ୍ୟାୟାଳୟ ୧୫ ଜଣ ବିଚାରପତିଙ୍କୁ ନେଇ ଗଠିତ । ସାଧାରଣ ପରିଷଦ ଓ ନିରାପତ୍ତା ପରିଷଦ ଏକତ୍ରିକ ଭାବେ ବିଚାରପତିମାନଙ୍କୁ ନଅବର୍ଷ ପାଇଁ ନିର୍ବାଚିତ କରିଥା'ନ୍ତି । ଏହି ବିଚାରାଳୟ ବା ନ୍ୟାୟାଳୟକୁ ରାଷ୍ଟ୍ରମାନଙ୍କର ଜାତୀୟ ସ୍ତରୀୟ ନ୍ୟାୟାଳୟ ଯଥା ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବୋଲି ବିଚାର କଲେ ଭୁଲ୍ ହେବ । କେବଳ ସଦସ୍ୟ ରାଷ୍ଟ୍ରମାନେ ନ୍ୟାୟିକ ବିଚାର ପାଇବା ପାଇଁ ମୋକଦ୍ଦମା ଗୁଡ଼ିକ ଏହି ନ୍ୟାୟାଳୟରେ ଦାୟର କରିପାରିବେ; ମାତ୍ର ରାଷ୍ଟ୍ର ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିବିଶେଷ ମୋକଦ୍ଦମା ଦାୟର କରି ପାରିବେ ନାହିଁ । ଏହି ନ୍ୟାୟାଳୟର ନିଷ୍ପତ୍ତି ସଦସ୍ୟ ରାଷ୍ଟ୍ରମାନେ ମାନିବାକୁ ବାଧ ନୁହନ୍ତି । ଏ ପର୍ଯ୍ୟନ୍ତ ଏହି ନ୍ୟାୟାଳୟ ୭୨ଗୋଟି ମୋକଦ୍ଦମା ବିଚାର କରି ସାରିଛନ୍ତି ।

### ୩୦.୨.୬. ସଚିବାଳୟ (The Secretariat))


ସଚିବାଳୟ ହେଉଛି ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ପ୍ରଶାସନିକ ଅଙ୍ଗ । ସଚିବାଳୟ କହିଲେ ସଂଯୁକ୍ତ ରାଷ୍ଟ୍ର ସଂଘର ନ୍ୟୁୟର୍କରେ ଥିବା ମୁଖ୍ୟ କାର୍ଯ୍ୟାଳୟ ଓ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଏହାର ଶାଖା କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ବୁଝାଏ । ସମସ୍ତ କର୍ମଚାରୀ କର୍ତ୍ତବ୍ୟ ସମ୍ପାଦନରେ ସ୍ୱାଧୀନ ଓ ନିରପେକ୍ଷହେବା ବାଞ୍ଛନୀୟ । ନିରାପତ୍ତା ପରିଷଦର ସୁପାରିଶ କ୍ରମେ ସାଧାରଣ ପରିଷଦ ଦ୍ୱାରା ସଚିବାଳୟର ମହାସଚିବ ୫ବର୍ଷ ପାଇଁ ନିଯୁକ୍ତି ପାଆନ୍ତି । ସଚିବାଳୟ ଗଠନ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ଛଅ ଜଣ ବ୍ୟକ୍ତି ମହାସଚିବ ଦାୟିତ୍ୱ ତୁଲାଇ ଆସିଛନ୍ତି । ସେମାନେ ହେଉଛନ୍ତି – ନରୱେର ଟ୍ରାଇଗ୍‌ଭି ଲି, ସୁଇଡେନର ଡାଗ୍ ହମାରସ୍କୋଲ୍ଡ, ମିଆଁମାର୍‌ର ୟୁ ଥାଣ୍ଟ, ଅଷ୍ଟ୍ରିଆର କୁର୍ଟ ୱାଇଡ୍ ହେମ,ପେରୁର ଜଭିର ପେରେଜ୍ ଡି ସିଏଲାର, ଇଜିପ୍ଟର ବୁଟ୍ରସ୍ ବୁଟ୍ରସ୍ ଘାଲି, ଘାନାର କୋଫି ଆନନ୍ । ବର୍ତ୍ତମାନ ଦକ୍ଷିଣ କୋରିଆର ବାନ୍ କି ମୁନ ଏହି ସମ୍ମାନଜନକ ଆସନ ଅଳଙ୍କୃତ କରିଅଛନ୍ତି ।

### ପ୍ରଶ୍ନାବଳୀ ୩୦.୨

୧। ______ର ସ୍ଥାୟୀ ସଦସ୍ୟ ମାନେ ଭିଟୋ କ୍ଷମତା ଉପଭୋଗ କରନ୍ତି ।
(ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ଅଙ୍ଗ/ନିରାପତ୍ତା ପରିଷଦ)

୨। ______କେତେ ଗୋଟି ଅଂଚଳକୁ ନ୍ୟାସ ପରିଷଦ ଶାସନ କରୁଥିଲା ? (୫/୧୧/୧୫)

୩। ସଂଯୁକ୍ତ ରାଷ୍ଟ୍ରସଂଘର କେଉଁ ଅଙ୍ଗଟି ସ୍ୱତନ୍ତ୍ର ସଂସ୍ଥା ଗୁଡିକର କାର୍ଯ୍ୟକାରିତା ମଧରେ ସମନ୍ୱୟ ରକ୍ଷା କରେ ? (ସାଧାରଣ ପରିଷଦ, ନିରାପତ୍ତା ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ)



Notes

୪। ଆନ୍ତର୍ଜାତୀୟ ବିଚାରାଳୟକୁ ବେସରକାରୀ ବ୍ୟକ୍ତି ବିଶେଷ ମୋକଦ୍ଦମା ଆଣି ପାରିବେ ।

(ଠିକ୍/ଭୁଲ୍)

୫। ______ ହେଉଛନ୍ତି ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରଥମ ମହାସଚିବ ।

(ଡାଗ୍ ହମାର ସ୍କୋଲଡ଼ି କୋଫିଆନନ୍ , ବାନ୍ କି ମୁନ୍)

୬। ଆନ୍ତର୍ଜାତୀୟ ନ୍ୟାୟାଳୟ ବା ଆନ୍ତର୍ଜାତୀୟ ବିଚାରାଳୟର ବିଚାରପତିବୃନ୍ଦ ______ ଦ୍ୱାରା ନିର୍ବାଚିତ ହୁଅନ୍ତି ।

(ସାଧାରଣ ପରିଷଦ, ନିରାପତ୍ତା ପରିଷଦ, ଉଭୟ ସାଧାରଣ ପରିଷଦ ନିରାପତ୍ତା ପରିଷଦ)

## ୩୦.୩. ଉପନିବେଶବାଦ ଓ ବର୍ଣ୍ଣ ବିଦ୍ୱେଷ ବିରୁଦ୍ଧରେ ସଂଗ୍ରାମ (Fight against Colonialism and Racism)

୧୯୪୭ ମସିହାରେ ସ୍ୱାଧୀନତା ପାଇବାର ୨୦୦ ବର୍ଷ ପୂର୍ବରୁ ଭାରତ ବ୍ରିଟେନ୍‌ର ଏକ ଉପନିବେଶ ଥିଲା । କେବଳ ଏକୁଟିଆ ଭାରତ ଏହାର ଉପନିବେଶ ନଥିଲା । ୧୯୪୫ ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘ ସୃଷ୍ଟି ହେବା ବେଳକୁ ଆଫ୍ରିକାର ଓ ଏସିଆର ଅଧିକାଂଶ ଅଂଚଳ ସ୍ୱାଧୀନ ହୋଇନଥିଲେ । ବିଶ୍ୱରେ ଶାନ୍ତି ଓ ପ୍ରଗତି ଆଣିବା ପାଇଁ ଉପନିବେଶବାଦୀ ଶାସନର ଅବସାନ ଏକାନ୍ତ ଆବଶ୍ୟକ ବୋଲି ସଂଯୁକ୍ତ ରାଷ୍ଟ୍ରସଂଘର ହୃଦ୍‌ବୋଧ ହେଲା । ଲକ୍ଷ ଲକ୍ଷ ଲୋକଙ୍କୁ ବିଦେଶୀ ଶାସନରୁ ମୁକ୍ତ କରିବା ସଂଯୁକ୍ତ ରାଷ୍ଟ୍ରସଂଘର ଏକ ଐତିହାସିକ ବିଜୟ । ଉପନିବେଶ ବିରୋଧୀ ଅ*ଳକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ଯେଉଁମାନଙ୍କର ରକ୍ଷଣାବେକ୍ଷଣାର ଦାୟିତ୍ୱ ପ୍ରତ୍ୟକ୍ଷ ଭାବରେ ସଂଯୁକ୍ତ ରାଷ୍ଟ୍ରସଂଘ ଉପରେ ନ୍ୟସ୍ତ ଥିଲା, ସେଗୁଡ଼ିକୁ ନ୍ୟାସ (Trust) ଆଞ୍ଚଳ କୁହାଯାଉଥିଲା । ଗ୍ରେଟ୍ ବ୍ରିଟେନ ଓ ଫାଂନ୍ସ ପରି କେତେକ ପାଶ୍ଚାତ୍ୟ ରାଷ୍ଟ୍ର କେତେ ଗୁଡିଏ ଅ*ଳକୁ ସେମାନଙ୍କର ଉପନିବେଶ କରିଥିଲେ । ଏହି ସବୁ ଅ*ଳର ଜନସାଧାରଣ ସ୍ୱାଧୀନ ହୋଇ ସେମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କିତ ନିଷ୍ପତ୍ତି ନେଲା ପର୍ଯ୍ୟନ୍ତ ସେମାନେ ସଂଯୁକ୍ତ ରାଷ୍ଟ୍ରସଂଘର ଦାୟିତ୍ୱରେ ରହିଥିଲେ । କ୍ୟାମେରୁନ୍, ନାଉରୁ, ନିଉଗିନି, ପାସିଫିକ୍ ଦ୍ୱୀପପୁଞ୍ଜ, ରାଣ୍ଡଓ୍ୱା-ଉରୁନ୍ଦି, ସୋମାଲିଲ୍ୟାଣ୍ଡ, ଟାଙ୍ଗାନାୟିକା, ଟୋଗୋ ଲ୍ୟାଣ୍ଡ ପ୍ରଭୃତି ଏହାର ଅନ୍ତର୍ଭୁକ୍ତ । ସଂଯୁକ୍ତ ରାଷ୍ଟସଂଘର ସହାୟତାରେ ସବୁ ନ୍ୟାସ ଅ*ଳ ସ୍ୱାଧୀନ ହେଲେ । ସେଥିରୁ ସାତଗୋଟି ସ୍ୱାଧୀନ ହେଲେ ଓ ଚାରିଗୋଟି ପଡୋଶୀ ଦେଶସହ ମିଶିଗଲେ । ସଂଯୁକ୍ତ ରାଷ୍ଟ୍ରସଂଘ ତରଫରୁ ନ୍ୟାସ ଅ*ଳର ଲୋକମାନଙ୍କୁ ମୁକ୍ତ କରିବା ବ୍ୟତୀତ ଅନ୍ୟ ଅ*ଳର ଲୋକଙ୍କୁ ମୁକ୍ତ କରିବା ପାଇଁ ଆଗ୍ରହ ବୃଦ୍ଧି ପାଇଲା । ଖାଲି ସେତିକି ନୁହେଁ, ୧୯୬୦ ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା ଉପନିବେଶ ବାଦ ବିଲୋପପାଇଁ ଘୋଷଣାନାମା ପ୍ରକାଶ ପାଇଲା । ସଂଯୁକ୍ତ ରାଷ୍ଟସଂଘର ଚାପ ଫଳରେ ୬୦ ଗୋଟି ଅ*ଳ ସ୍ୱାଧୀନ ହେଲା । ବର୍ତ୍ତମାନର ନାମିବିଆ, ଇରିଟ୍ରିଆ, ପୂର୍ବଟିମର ଅଞ୍ଚଳଗୁଡିକ ଉପନିବେଶବାଦ ବିରୁଦ୍ଧରେ ସଂଗ୍ରାମ କରି ସ୍ୱାଧୀନ ହେଲେ । ୱେଷ୍ଟର୍ଣ୍ଣ ସାହାରା ପରି କେତେକ ଅଞ୍ଚଳ ସେମାନଙ୍କର ସ୍ୱାଧୀନ ମତପୋଷଣ କରିବା ପାଇଁ ଅପେକ୍ଷାରେ ଅଛନ୍ତି । ଆତ୍ମ ସିଦ୍ଧାନ୍ତ (Self-determination) ଅଧିକାର କେବଳ ବିଦେଶୀ ଉପନିବେଶ ଅଧିନରେ ଥିବା ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହେଲା ।

ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବିଦ୍ୱେଷ ନୀତିକୁ ସଂଯୁକ୍ତ ରାଷ୍ଟ୍ରସଂଘର ବିରୋଧ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ୧୯୪୬ ମସିହା ପରଠାରୁ ସଂଯୁକ୍ତ ରାଷ୍ଟ୍ରସଂଘ ଏହି ପ୍ରସଙ୍ଗ ଉପରେ ଆଗ୍ରହ ପ୍ରକାଶ କରିଆସିଛି । ସଂଯୁକ୍ତ ରାଷ୍ଟ୍ରସଂଘର ଏହି ପ୍ରସଙ୍ଗ ଉପରେ ଆଗ୍ରହ ପ୍ରତି ଦକ୍ଷିଣ ଆଫ୍ରିକାର ସଂଖ୍ୟାଲଘୁ ଗୋରା-ଶାସନ କୌଣସି ଗୁରୁତ୍ୱ ଦେଉ ନଥିଲେ ପରବର୍ତ୍ତୀ ସମୟରେ ସଂଖ୍ୟାଧିକ କଳା ଲୋକଙ୍କ ଉପରେ ସଂଖ୍ୟାଲଘୁ ଗୋରାମାନଙ୍କର ପ୍ରାଦୁର୍ଭାବ ଦୂର କରିବା ପାଇଁ ଅତ୍ୟଧିକ ଚାପ ପଡ଼ିଲା । ଦକ୍ଷିଣ ଆଫ୍ରିକାର ଖେଳାଳୀ ମାନେ ଆନ୍ତର୍ଜାତୀୟ

ସ୍ତରରେ କ୍ରୀଡାରେ ଅଂଶ ଗ୍ରହଣ କଲେ । ନିରାପତ୍ତା ପରିଷଦ ଅସ୍ତ୍ରଶସ୍ତ୍ର ବିକ୍ରୀ ନିଷିଦ୍ଧ କଲା । ତେଣୁ ଘୃଣ୍ୟ ବର୍ଣ୍ଣବୈଷମ୍ୟ ନୀତିକୁ ୧୯୯୩ ମସିହାରେ ଦକ୍ଷିଣ ଆଫ୍ରିକା ରଦ୍ଦ କରିବାକୁ ଚାହିଁଲା । ୨୭ ବର୍ଷ ବନ୍ଦୀ ଜୀବନ ଅତିବାହିତ କରିଥିବା ସର୍ବତ୍ର ସମ୍ମାନିତ କୃଷ୍ଣକାୟନେତା ନେଲସନ ମାଣ୍ଡେଲା କାରାଗାରରୁ ମୁକ୍ତ ହେଲେ । ବର୍ଣ୍ଣ ବିଦ୍ୱେଷ ନୀତି ପ୍ରତ୍ୟାହୃତ ହେଲା । ୧୯୯୪ ମସିହାରେ ଆନ୍ତର୍ଜାତୀୟ ସଂଗଠନମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ନିର୍ବାଚନ କରାଯାଇ ନେଲସନ୍ ମାଣ୍ଡେଲାଙ୍କ ରାଷ୍ଟ୍ରପତିତ୍ୱରେ ଦକ୍ଷିଣ ଆଫ୍ରିକାରେ ସରକାର ପ୍ରତିଷ୍ଠାହେଲା । ବିଶ୍ୱ ଦରବାରରେ ଏକ ନୂତନ ରାଷ୍ଟ୍ର ଭାବରେ ଦକ୍ଷିଣ ଆଫ୍ରିକା ପ୍ରତିଷ୍ଠା [redacted]

ବିଶ୍ୱସ୍ତରରେ ମାନବାଧିକାର ବା ମାନବିକ ଅଧିକାରର ବହୁଳ ପ୍ରସାର ଦିଗରେ ସଂଯୁକ୍ତ ରାଷ୍ଟ୍ରସଂଘ ସଂଘର ଭୂମିକା ଅନସ୍ୱୀକାର୍ଯ୍ୟ । ବିଗତ ପାଞ୍ଚ ଦଶନ୍ଧିଧରି ସଂଯୁକ୍ତ ରାଷ୍ଟ୍ରସଂଘର ଆନୁକୂଲ୍ୟରେ ୮୦ଟି ଘୋଷଣାନାମା ଓ ସମ୍ମିଳନୀ ମାନବିକ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋଚିତ ହୋଇସାରିଛି । ଏଥିମଧ୍ୟରୁ ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା ସଂଯୁକ୍ତ ରାଷ୍ଟ୍ରସଂଘର ସର୍ବ ପ୍ରଥମ ଘୋଷଣାନାମା । ୧୯୪୮ ମସିହା ଠାରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ ଦିନକୁ ମାନବାଧିକାର ବା ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଉଅଛି । ଏହି ଘୋଷଣାନାମା ଫଳରେ ସମସ୍ତ ନାଗରିକ ବିନାଦ୍ୱିଧାରେ ସାମାଜିକ, ରାଜନୈତିକ, ଅର୍ଥନୈତିକ ଅଧିକାର ପାଇପାରଲେ । ଏହି ଘୋଷଣାନାମାର ସର୍ତ୍ତ ଅନ୍ୟ ସମସ୍ତ ଘୋଷଣା ପରି ସରକାରମାନେ ମାନିବାକୁ ବାଧ ନୁହନ୍ତି । ମାନବାଧିକାରକୁ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରାଗଲା । ପ୍ରଥମଟି ହେଲା ଅର୍ଥନୈତିକ, ସାମାଜିକ (Social) ସାଂସ୍କୃତିକ ଅଧିକାର ସମ୍ପର୍କିତ ଏବଂ ଅନ୍ୟଟି ହେଲା ନାଗରିକ (Civil) ଓ ରାଜନୈତିକ ଅଧିକାର ସମ୍ପର୍କିତ । ୧୯୭୬ ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟରାଷ୍ଟ୍ରଗୁଡ଼ିକର ଅନୁମୋଦନ କ୍ରମେ ଏହା ଉପରୋକ୍ତ ସନନ୍ଦ (ଆଇନ) ଦ୍ୱାରା କାର୍ଯ୍ୟକାରୀ ହେଲା । ଏହି ଦୁଇଟି ପ୍ରକାରର ମାନବିକ ଅଧିକାର ସମ୍ପର୍କିତ ଆଇନ (ସନନ୍ଦ) ସହିତ ସାର୍ବଜନୀନ ମାନବାଧିକାର ଘୋଷଣାନାମା ଏକତ୍ରିତ ଭାବରେ 'ଆନ୍ତର୍ଜାତୀୟ ଅଧିକାର ବିଧେୟକ' (International Bill of Rights) ରୂପେ ପରିଚିତ ।

ଅର୍ଥନୈତିକ, ସାମାଜିକ (Social) ଓ ସାଂସ୍କୃତିକ ଅଧିକାର ସମ୍ପର୍କିତ ରାଜିନାମାରେ ନ୍ୟାୟୋଚିତ ତଥା ଉପଯୁକ୍ତ ପରିବେଶ ମଧ୍ୟରେ କାର୍ଯ୍ୟକରିବାର ଅଧିକାର, ଉନ୍ନତ ଜୀବନ ଧାରଣ କରିବାର ଅଧିକାର ଓ ସାମାଜିକ ସୁରକ୍ଷା ଅଧିକାର ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଅଛି । ମାତ୍ର ନାଗରିକ (Civil) ଓ ରାଜନୈତିକ ଅଧିକାର କହିଲେ – ଗମନା ଗମନର ସ୍ୱାଧୀନତା, ଆଇନ ଦୃଷ୍ଟିରେ ସମସ୍ତେ ସମାନ, ଧର୍ମଗତ ସ୍ୱାଧୀନତା, ନିର୍ବାଚନରେ ଅଂଶ ଗ୍ରହଣ କରିବାର ସ୍ୱାଧୀନତା ଓ ସଂଖ୍ୟାଲଘୁମାନଙ୍କର ଅଧିକାରର ସୁରକ୍ଷାକୁ ବୁଝାଏ । ଏହି ସନନ୍ଦରେ ସ୍ୱାକ୍ଷର କରିଥିବା ରାଷ୍ଟ୍ରମାନେ ଏହି ପ୍ରକାର ମାନବିକ ଅଧିକାର ବା ମାନବାଧିକାରଗୁଡ଼ିକୁ କି ଭଳି କାର୍ଯ୍ୟକାରୀ କରୁଛନ୍ତି, ତା'ର ତଦାରଖ କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଅଛି । ସାମାଜିକ ଓ ରାଜନୈତିକ ଅଧିକାର ବଳରେ, ଲୋକମାନଙ୍କର ସରକାର ବିରୁଦ୍ଧରେ ଅଭିଯୋଗ ଗ୍ରହଣ ଓ ତା'ର ପ୍ରତିକାର କରିବାର ଅଧିକାର ସଂଯୁକ୍ତ ରାଷ୍ଟ୍ରସଂଘ ଉପରେ ନ୍ୟସ୍ତ କରାଯାଇଅଛି । ନିର୍ଯ୍ୟାତନା ଓ ବର୍ଣ୍ଣ ବିଦ୍ୱେଷ ନିଷିଦ୍ଧ କରିବା, ଶିଶୁ, ମହିଳା ଓ ବିସ୍ଥାପିତ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ଘୋଷଣାନାମାରେ ଉଲ୍ଲେଖ ଅଛି ।

ସଂଯୁକ୍ତ ରାଷ୍ଟ୍ରସଂଘ ମାନବାଧିକାର ବା ମାନବିକ ଅଧିକାର ସଂପର୍କରେ ନିୟମିତ ସମ୍ମିଳନୀ ଆହ୍ୱାନ କରିବାର କାର୍ଯ୍ୟକ୍ରମ ରହିଅଛି । ଏହି କ୍ରମରେ ୧୯୯୩ ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘ ଭିଏନା ଠାରେ ମାନବାଧିକାର ବା ମାନବିକ ଅଧିକାର ସଂପର୍କରେ ଏକ ଆନ୍ତର୍ଜାତୀୟ ସମ୍ମିଳନୀ ଡକାଯାଇଥିଲା । ଏହି



Notes

ସମ୍ମିଳନୀରେ ଅନୁମୋଦିତ ଘୋଷଣାନାମା ଅନୁସାରେ ୧୯୯୪ ମସିହାରେ ସାଧାରଣ ପରିଷଦ ଦ୍ୱାରା ସାରା ବିଶ୍ୱରେ ମାନବାଧିକାର ବା ମାନବିକ ଅଧିକାରର ପ୍ରସାର ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ହାଇକମିଶନର ନିଯୁକ୍ତି ପାଇଥିଲେ ।

## ୩୦.୫. ସଂଯୁକ୍ତ ରାଷ୍ଟ୍ରସଂଘର ପୁନର୍ନିର୍ମାଣ ବା ପୁନର୍ଗଠନର ଆବଶ୍ୟକତା (Need for Restructuring The United Nations)

ଯଦିଓ ଅଦ୍ୟାବଧି ସଂଯୁକ୍ତ ରାଷ୍ଟ୍ରସଂଘ ଅନେକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଆସିଛି; ତଥାପି କେତେକ ପ୍ରତିବନ୍ଧକ ଏହାର କାର୍ଯ୍ୟ ସମ୍ପାଦନରେ ଅନ୍ତରାୟ ସୃଷ୍ଟି କରୁଅଛି । ବିଶ୍ୱରେ ଏହା ଭିତରେ ଅନେକ ପରିବର୍ତ୍ତନ ଘଟିଯାଇଥିଲେ ମଧ୍ୟ ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଅଙ୍ଗଗୁଡ଼ିକ ପରିବର୍ତ୍ତିତ ପରିସ୍ଥିତିକୁ ଖାପଖୁଆଇ ପରିବର୍ତ୍ତିତ ହୋଇ ନାହାନ୍ତି । ଏହି ପରିପ୍ରେକ୍ଷୀରେ ନିରାପତ୍ତା ପରିଷଦର ଉଦାହରଣ ନିଆଯାଇପାରେ । ନିରାପତ୍ତା ପରିଷଦର ସଦସ୍ୟ ସଂଖ୍ୟା ୧୫ରେ ସୀମିତ ରହିବା ବ୍ୟବସ୍ଥା ସାଧାରଣ ପରିଷଦରେ ନାହିଁ । ନିରାପତ୍ତା ପରିଷଦରେ ମାତ୍ର ୫ଟି ରାଷ୍ଟ୍ର ଯଥା, ଚୀନ୍, ଫ୍ରାନ୍ସ, ରୁଷ, ବ୍ରିଟେନ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ସ୍ଥାୟୀ ସଦସ୍ୟ ଅଟନ୍ତି । ୧୯୪୫ ମସିହାରେ ଐତିହାସିକ ଓ ରାଜନୈତିକ କାରଣରୁ ସେମାନଙ୍କୁ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟର ମର୍ଯ୍ୟାଦା ଦିଆଯାଇଥିଲା । ଅନ୍ୟ ୧୦ ଜଣ ସଦସ୍ୟ ଅସ୍ଥାୟୀ ସଦସ୍ୟ ଭାବରେ ସାଧାରଣ ପରିଷଦ ଦ୍ୱାରା ଦୁଇବର୍ଷ ପାଇଁ ନିର୍ବାଚିତ ହୋଇଥା'ନ୍ତି । ଏହି ବ୍ୟବସ୍ଥା ଛଅ ଦଶନ୍ଧି ତଳର ବ୍ୟବସ୍ଥା, ଯେତେବେଳେ ଏସିଆ ଓ ଆଫ୍ରିକାର ରାଷ୍ଟ୍ରମାନେ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ହୋଇନଥିଲେ । ବିଶ୍ୱ-ପରିବାରର ସଦସ୍ୟ ସଂଖ୍ୟାର ଅଭିବୃଦ୍ଧି ସାଂଗକୁ ନିରପତ୍ତା ପରିଷଦର ସଦସ୍ୟ ସଂଖ୍ୟାରେ ପରିବର୍ତ୍ତନ ନିହାତି ଜରୁରୀ । ଭାରତ ପରି ଅନେକ ରାଷ୍ଟ୍ର ଏହାର ସ୍ଥାୟୀ ସଦସ୍ୟ ହେବାକୁ ଆଗ୍ରହୀ । ଅସ୍ଥାୟୀ ସଦସ୍ୟ ରାଷ୍ଟ୍ର ସଂଖ୍ୟା ବୃଦ୍ଧି ହେଲେ ବିଭିନ୍ନ ରାଷ୍ଟ୍ରମାନେ ଅନୁଭବ କରିବେ ଯେ ନିରାପତ୍ତା ପରିଷଦ ସେମାନଙ୍କର ଭବିଷ୍ୟତ ପାଇଁ ଚିନ୍ତା କରୁଅଛି । ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କର ବଦ୍ଧମୂଳ ଧାରଣା ଯେ ସଂଯୁକ୍ତ ରାଷ୍ଟ୍ରସଂଘ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର, ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିନିଧିଭାବରେ କର୍ଯ୍ୟ କରୁଅଛି । ତେଣୁ ଏହି ଧାରଣାର ପରିବର୍ତ୍ତନ ପାଇଁ ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ହେବା ନିହାତି ଜରୁରୀ । ଜାପାନ, ଭାରତ, ଜର୍ମାନୀ, ବ୍ରାଜିଲ ଓ ନାଇଜେରିଆ ଏଥିପାଇଁ ଦାବିଦାର । ଜାପାନ ଓ ଜର୍ମାନୀ ଆଉ ଶତ୍ରୁ ରାଷ୍ଟ୍ର ହୋଇ ନାହାନ୍ତି । ଏମାନଙ୍କର ସଂଯୁକ୍ତ ରାଷ୍ଟ୍ରସଂଘକୁ ଆର୍ଥିକ ଅବଦାନ ଅନସ୍ୱୀକାର୍ଯ୍ୟ । ତେଣୁ ଭାରତ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ହେବାରେ ଅସୁବିଧା ରହିଲା କେଉଁଠି ? ଖାଲି ସେତିକି ନୁହେଁ, ଭାରତ ସଂଯୁକ୍ତ ରାଷ୍ଟ୍ରସଂଘର ଏକ ପ୍ରତିଷ୍ଠିତ ସଦସ୍ୟ ଓ ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ।

## ପ୍ରଶ୍ନାବଳୀ ୩୦.୩

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ :**

୧। ଉପନିବେଶ ବ୍ୟବସ୍ଥା ଉଚ୍ଛେଦ ଘୋଷଣା ନାମା ______ ମସିହା ଗ୍ରହଣ କରାଯାଇଥିଲା ।
(୧୯୪୫, ୧୯୬୦, ୧୯୯୫)

୨। ନ୍ୟାସ ଅଂଚଳର ପ୍ରଶାସନ ସଂଯୁକ୍ତ ରାଷ୍ଟ୍ରସଂଘ ଦାୟିତ୍ୱରେ ଥିଲା । (ଠିକ୍/ ଭୁଲ୍ )

୩। ଦକ୍ଷିଣ ଆଫ୍ରିକାରେ ପ୍ରଚଳିତ ବର୍ଣ୍ଣବିଦ୍ୱେଷ ନୀତିକୁ ଦେଶୀୟନେତା ______ ବିରୋଧ କରୁଥିଲେ ।
(ମହାତ୍ମାଗାନ୍ଧୀ, ନେଲସନ୍ ମାଣ୍ଡେଲା)

୪। ସାର୍ବଜନୀନ ମାନବାଧିକାର ବା ମାନବିକ ଅଧିକାର ଘୋଷଣାନାମା ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ମାନିବାକୁ ବାଧ । (ଠିକ୍ /ଭୁଲ)

୫। କେଉଁ ଦିନଟିକୁ ମାନବାଧିକାର ବା ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଏ ।

(୨୬ ଜାନୁଆୟୀ, ୧୦ ଡିସେମ୍ବର, ୧୫ ଅଗଷ୍ଟ)

୬। ମାନବାଧିକାର ବା ମାନବିକ ଅଧିକାର ସଂପର୍କିତ ଦୁଇଗୋଟି ଘୋଷଣାନାମ_______ ମସିହାଠାରୁ କାର୍ଯ୍ୟକାରୀ ହେଲା । (୧୯୪୮/ ୧୯୭୬/୧୯୯୭)

## ତୁମେ କ'ଣ ଶିଖିଲ

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା କରିବା ରକ୍ଷା ଉଦ୍ଦେଶ୍ୟରେ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ସଂଯୁକ୍ତ ରାଷ୍ଟ୍ରସଂଘ ଗଠନ ହୋଇଥିଲା । ଏହାର ଛଅ ଗୋଟି ପ୍ରଧାନ ଅଂଗ ଅଛି; ଯଥା :- ସାଧାରଣ ପରିଷଦ, ନିରାପତ୍ତା ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ, ନ୍ୟାସ ପରିଷଦ, ଆନ୍ତର୍ଜାତୀୟ ନ୍ୟାୟାଳୟ ବା ବିଚାରାଳୟ ଓ ସଚିବାଳୟ । ଉପନିବେଶବାଦ ଓ ବର୍ଣ୍ଣ ବିଦ୍ୱେଷବାଦର ଉଚ୍ଛେଦ ଏବଂ ମାନବାଧିକାରର ବା ମାନବିକ ଅଧିକାରର ପ୍ରସାର ଦିଗରେ ସଂଯୁକ୍ତ ରାଷ୍ଟ୍ରସଂଘ ବିଶ୍ୱରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିପାରିଛି । ବିଗତ ବର୍ଷମାନଙ୍କରେ ସଂଯୁକ୍ତ ରାଷ୍ଟ୍ରସଂଘ ଏକ ନୈତିକ ପଦ ମର୍ଯ୍ୟାଦାର ଅଧିକାରୀ ହୋଇପାରିଛି । ଅହିଂସା ଓ କୂଟନୀତି ମାଧ୍ୟମରେ ସଂଯୁକ୍ତ ରାଷ୍ଟ୍ରସଂଘ ବିଶ୍ୱରେ ଶାନ୍ତି ଓ ପ୍ରଗତିର ବାତାବରଣ ସୃଷ୍ଟି କରିପାରିଛି । ଅବଶ୍ୟ ସାମରିକ ବାହିନୀର ସାହାଯ୍ୟ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଉଦାହରଣ ଖୁବ୍ କମ୍ ।

ସଂଯୁକ୍ତ ରାଷ୍ଟ୍ରସଂଘର ଅନେକ ଉପାଦେୟତା ଓ ପ୍ରତିକୂଳ ଅବସ୍ଥା ଅଛି । ଏ ସବୁ ସତ୍ତ୍ୱେ ସଂଯୁକ୍ତ ରାଷ୍ଟ୍ରସଂଘ ମାନବ ସମାଜ ପାଇଁ ଏକ ଅସାଧାରଣ ସଂଗଠନର ମର୍ଯ୍ୟାଦା ପାଇଛି ଯାହାକି ବିଶ୍ୱଶାନ୍ତି, ପ୍ରଗତି, ସମାନତା ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଅଙ୍ଗୀକାରବଦ୍ଧ । ମାତ୍ର ସାତ ଦଶନ୍ଧି ଏଥିପାଇଁ ଖୁବ୍ କମ୍ ସମୟ । ଯଦି ଜନସାଧାରଣ ଓ ରାଷ୍ଟ୍ରମାନଙ୍କର ପୂର୍ଣ୍ଣ ସହଯୋଗ ପାଏ, ତେବେ ସଂଯୁକ୍ତ ରାଷ୍ଟ୍ରସଂଘ ଏକବିଂଶ ଶତାବ୍ଦୀରେ ଅଧିକ ସକ୍ରିୟ ହୋଇ ବିଶ୍ୱ ସମସ୍ୟାର ମୁକାବିଲା କରିପାରିବ, ଏଥିରେ ସନ୍ଦେହ ନାହିଁ ।

## ଅନୁଶୀଳନୀ

୧। ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦର ଉଦ୍ଦେଶ୍ୟ ଓ ନୀତିଗୁଡିକ ଆଲୋଚନା କର ।

୨। ସାଧାରଣ ପରିଷଦ ଓ ନିରାପତ୍ତା ପରିଷଦର ଗଠନ ଓ କ୍ଷମତାର ତୁଳନାତ୍ମକ ପାର୍ଥକ୍ୟ ଦର୍ଶାଅ ।

୩। ଉପନିବେଶ ବ୍ୟବସ୍ଥା ଉଚ୍ଛେଦ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ଭୂମିକା ଆଲୋଚନା କର ।

୪। ନିରାପତ୍ତା ପରିଷଦର ପୁନର୍ଗଠନର ଆବଶ୍ୟକତା ବୁଝାଅ ।

୫। ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(କ) ସଂଯୁକ୍ତ ରାଷ୍ଟ୍ରସଂଘର ମହାସଚିବ

(ଖ) ସାର୍ବଜନୀନ ମାନବାଧିକାର / ମାନବିକ ଅଧିକାର ଘୋଷଣାନାମା

(ଗ) ନ୍ୟାସ ପରିଷଦ

(ଘ) ଅର୍ଥନୈତିକ ଓ ସାମାଜିକ ପରିଷଦ

## ପୂର୍ବ ପ୍ରଶ୍ନାବଳୀର ଉତ୍ତର

**୩୦.୧**

୧। ସାନଫ୍ରାଂନ୍ସିସ୍କୋ

୨। ୫୧

୩। ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା

୪। ଠିକ୍

୫। ଠିକ୍

୬। ଭୁଲ୍

**୩୦.୨**

୧। ନିରାପତ୍ତା ପରିଷଦ

୨। ୧୧

୩। ଡାଗ୍ ହମାରାସ୍କୋଲଡ଼୍

୪। ଉଭୟ ନିରାପତ୍ତା ପରିଷଦ ଓ ସାଧାରଣ ପରିଷଦ ।

**୩୦.୩**

୧। ୧୯୬୦

୨। ଠିକ୍

୩। ନେଲସନ୍ ମାଣ୍ଡେଲା

୪। ଭୁଲ୍

୫। ୧୦ ଡିସେମ୍ବର

୬। ୧୯୭୬

୭। ମାନବାଧିକାର ବା ମାନବିକ ଅଧିକାର ପାଇଁ ହାଇକମିସନର

## ଅନୁଶୀଳନୀର ଉତ୍ତର ପାଇଁ ସଙ୍କେତ

୧। ୩୦.୧ ଅନୁଚ୍ଛେଦ ଦେଖ ।

୨। ୩୦.୭ ଅନୁଚ୍ଛେଦ ଦେଖ ।

୩। ୩୦.୩ ଅନୁଚ୍ଛେଦ ଦେଖ ।

୪। ୩୦.୫ ଅନୁଚ୍ଛେଦ ଦେଖ ।

❑❑❑